# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**14 April - 2026**

*********************************

## ମୁଖ୍ୟ ସମ୍ବାଦ

- ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ
- ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ଆରମ୍ଭ କଲେ 'ଆରୋହଣ' କାର୍ଯ୍ୟକ୍ରମ
- ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଆଜିଠାରୁ ଆରମ୍ଭ ହେଲା ଯାଜପୁର ଜିଲ୍ଲାର ପ୍ରସିଦ୍ଧ ସିଙ୍ଗାପୁର ମେଳା

ଏବଂ

- ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ଆଜି ହେଉଛି ଉଦ୍‌ଯାପିତ

## ମହାବିଷୁବ ସଂକ୍ରାନ୍ତି

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି। ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହୋଇଥାଏ।  ସୂର୍ଯ୍ୟଙ୍କ ତାପ ବଢ଼ିଥାଏ ଏବଂ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ ।  ଏହି ଦିନ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ ।

ବିଷୁବ ସଂକ୍ରାନ୍ତି ଅବସରରେ ଘରେ ଘରେ ଓ ଦେବଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ। ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବା ପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ। ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି।

## ଓଡ଼ିଆ ନବବର୍ଷ

ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଓଡ଼ିଆ ଅସ୍ମିତାର ମୂଲ୍ୟକୁ ଆଗକୁ ନେବା ସହିତ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ଓଡ଼ିଆ ନବବର୍ଷ ପାଳନ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ

ଚନ୍ଦ୍ର ବେଉରା କହିଥିଲେ। ବକ୍ତାମାନେ ରାଷ୍ଟ୍ରନିର୍ମାଣରେ ଡକ୍ଟର ବାବା ସାହେବ ଆମ୍ବେଦକର ଭୂମିକା ଉପରେ ଆଲୋଚନା କରିଥିଲେ।

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

## ଓଡ଼ିଆ ନବବର୍ଷ

ମାଲକାନଗିରି ସଂସ୍କୃତି ଭବନ ପରିସରରେ ଓଡ଼ିଆ ଭାଷା ପକ୍ଷର ଉଦଯାପନୀ ଉତ୍ସବ ସହିତ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଉତ୍ସାହର ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ପ୍ରତ୍ୟେକ ସ୍ତରରେ ମାତୃଭାଷାର ପ୍ରଚାର, ପ୍ରସାର ଓ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଓଡ଼ିଆ ପକ୍ଷ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚଳିତ ମାସ ପହିଲାରୁ ଚାଲିଥିବା ଓଡ଼ିଆପକ୍ଷ ପାଳନର ଉଦ୍‌ଯାପନୀ ସମାରୋହ ଓ ଓଡ଼ିଆ ନବବର୍ଷ ପାଳନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି।

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଓଡ଼ିଆ ପକ୍ଷ ପାଳନର ଅନ୍ତିମ ଦିବସରେ ଆଜି **ନୟାଗଡ଼** ଜିଲ୍ଲାରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ରାଜ୍ୟ

ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରଣପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ରଣପୁର ବ୍ଲକ୍ ସମ୍ମିଳନୀ ଗୃହରେ ଆୟୋଜିତ ଓଡ଼ିଆ ନବବର୍ଷ କାର୍ଯ୍ୟକ୍ରମରେ ଅତିଥି ମାନେ ଓଡ଼ିଶାର ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗ୍ରାମୀଣ ଲୋକକଳାର ପ୍ରବୀଣ ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ପଣା ସଂକ୍ରାନ୍ତି

**ନୟାଗଡ଼**ର ଅଧିଷ୍ଠାତ୍ରୀ ଦେବୀ ମା’ ଦକ୍ଷିଣକାଳୀଙ୍କ ପ୍ରସିଦ୍ଧ ପଣାଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ଆଜି ପଣା ସଂକ୍ରାନ୍ତି ଉପଲକ୍ଷେ ମା’ଙ୍କ ମନ୍ଦିରରେ ପ୍ରସ୍ତୁତ ସୁସ୍ୱାଦୁ ପଣାକୁ ଏକ ପଟୁଆରରେ ଦକ୍ଷିଣକାଳୀ ମନ୍ଦିରରୁ ନିଆଯାଇ ସହରରେ ବିଜେ କରିଥିବା ଶୁଳିଆ, ରାମଚଣ୍ଡୀ, ମଂଗଳା, ବ୍ରାହ୍ମଣୀଦେଇ ଏବଂ ତରକେଇ ଠାକୁରାଣୀଙ୍କୁ ଅର୍ପଣ କରାଯାଇଥିଲା। ପରମ୍ପରା ଅନୁଯାୟୀ ଆଜି ସକାଳେ ଜଗନ୍ନାଥ ମନ୍ଦିରରୁ ଏକ ଆଜ୍ଞାମାଳ ଦକ୍ଷିଣକାଳୀଙ୍କ ନିକଟକୁ ଆସିବା ପରେ ମନ୍ଦିରରେ ସ୍ୱତନ୍ତ୍ର ହୋମ ଅନୁଷ୍ଠିତ ହୋଇଥିଲା। ପଣାଯାତ୍ରା ଅବସରରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ଆମ୍ବେଦ୍କର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୬ତମ ଜୟନ୍ତୀ ଅବସରରେ ଦେଶ ଶ୍ରଦ୍ଧାସୁମନ ଅର୍ପଣ କରୁଛି । ୧୮୯୧ ମସିହା ଆଜିର ଦିନରେ ବାବାସାହେବ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ବାବାସାହେବଙ୍କ ଦ୍ୱାରା ପ୍ରଣୀତ

ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା । ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ବାବାସାହେବଙ୍କର ଅବଦାନ ଅତୁଳନୀୟ । ଏହି ମହାନ୍ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପ ସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆମ୍ବେଦକର ଜୟନ୍ତୀ

ଭାରତରତ୍ନ ଡକ୍ଟର ବି.ଆର.ଆମ୍ବେଦକର ଏବଂ ସମର କବି ବ୍ରଜନାଥ ବଡଜେନାଙ୍କ ଜୟନ୍ତୀ ଢେଙ୍କାନାଳରେ ସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ରଜନାଥଙ୍କ ପ୍ରତିମୂର୍ତ୍ତିରେ ଏବଂ ଜିଲ୍ଲା କାର୍ଯ୍ୟାଳୟ ସମୁଖସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଜିଲ୍ଲା ପ୍ରଶାସନ ଓ ଆମ୍ବେଦକର ମେମୋରିଆଲ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ ।

## ଆମ୍ବେଦକର ଜୟନ୍ତୀ

**ଯାଜପୁର** ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ଜନପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇ

ସଂସ୍କୃତି ଭବନ ପରିସରରେ ଥିବା ଆମ୍ବେଦକର ଏବଂ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରରେ ଆୟୋଜିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସିଙ୍ଗାପୁର ମେଳା

ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଆଜିଠାରୁ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ସିଙ୍ଗାପୁର ମେଳା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ରସୁଲପୁର ବ୍ଲକ୍ ଅନ୍ତର୍ଗତ ସିଙ୍ଗାପୁରର ଏକ ପୁଷ୍କରିଣୀରେ ବର୍ଷର ୩୬୨ ଦିନ ବୁଡି ରହୁଥିବା ନାରାୟଣ ଗୋସାଇଁ ୩ ଦିନ ପାଇଁ ପାଣିରୁ ବାହାରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଆଜି ଭୋର ସମୟରୁ ନାରାୟଣ ଗୋସାଇଙ୍କ ମୂର୍ତ୍ତିକୁ ପୂଜକମାନେ ପାଣିରୁ ବାହାର କରି ପୁଷ୍କରିଣୀ ପାଶ୍ୱବର୍ତ୍ତୀ ମନ୍ଦିରରେ ସ୍ଥାପନା କରିଛନ୍ତି। ପୁଷ୍କରିଣୀ ପାର୍ଶ୍ୱରେ ଆଜିଠାରୁ ୫ ଦିନ ବ୍ୟାପୀ ଏକ ମେଳାର ଆୟୋଜନ କରାଯାଇଛି। ନାରାୟଣ ଗୋସାଇଁଙ୍କ ଷୋଡଶ ଉପଚାର ପୂଜା ଓ ଯାଗଯଜ୍ଞ ଆରମ୍ଭ ହୋଇଛି।

## ଆରୋହଣ

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଶୁଭ ଅବସରରେ ଭୁବନେଶ୍ୱରଠାରେ 'ଆରୋହଣ' କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁଭାରମ୍ଭ କରିଛନ୍ତି। ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଦେ ଆଗକୁ' ସ୍ଲୋଗାନ ସହିତ ଆରମ୍ଭ ହୋଇଥିବା

ଏହି ଅଭିଯାନ ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସ ବୋଲି କହିଛନ୍ତି।  - **V/O** - (ପ୍ରଭାତୀ ପରିଡା)

ଶ୍ରୀମତୀ ପରିଡା କହିଛନ୍ତି, ରାଜ୍ୟରେ ପ୍ରାକ୍ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏହି ଅଭିଳାଷୀ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରିବାର ଓ ସମାଜ ତଥା ଅଭିଭାବକମାନଙ୍କର ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀମତୀ ପରିଡା ଗୁରତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସୱାଲ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଧିକ ସକ୍ଷମ କରିବା ସହିତ ଶିଶୁମାନଙ୍କ ସାମୂହିକ ବିକାଶ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ଅଧିକାରୀଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ।

## ସୁଭଦ୍ରା ଆବେଦନ

ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆସନ୍ତା ମଇ ୧ ତାରିଖରୁ ୩୦ ତାରିଖ ମଧ୍ୟରେ ନୂଆ ହିତାଧିକାରୀ ଆବେଦନ କରିପାରିବେ। ଏ ସମ୍ପର୍କରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ୨୧ ବର୍ଷ ବୟସର ଯୁବତୀମାନେ ଆବେଦନ କରିପାରିବେ। ଅନ୍‌ଲାଇନ ମାଧ୍ୟମରେ ଆବେଦନ ସମୟରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେଲେ ଧାର୍ଯ୍ୟ ଅବଧିକୁ ଆଉ ୫ ଦିନ ବୃଦ୍ଧି କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ପାଣିପାଗ

ରାଜ୍ୟର କେତେକ ଜିଲ୍ଲାରେ ଆସନ୍ତା ୧୭ ତାରିଖ ଶୁକ୍ରବାରଠାରୁ ୨୧ ତାରିଖ ପର୍ଯ୍ୟନ୍ତ ବିଜୁଳି ଓ ଝଡ଼ବାତ୍ୟାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପକ୍ଷରେ, ଆସନ୍ତାକାଲିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ୧୬ ତାରିଖ ଗୁରୁବାର ଦିନ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗିର ଓ ସୋନପୁର ଜିଲ୍ଲାକୁ ଗ୍ରୀଷ୍ମପ୍ରବାହ ଅଧିକ ରହିବାର ସମ୍ଭାବନା ଅଛି।